ପ୍ରମେୟ
THE PRAMEYA

ବୁଧବାର
୧, ଜୁନ୍ ୨୦୧୬

# ଚୀନ ଜିଆଓ ଟଙ୍ଗ ବିଶ୍ୱବିଦ୍ୟାଳୟ ସହ ଆଇଆଇଟି ଭୁବନେଶ୍ୱରର ଏମ୍‌ଓୟୁ

ଭୁବନେଶ୍ୱର,୩୧।୫(ବ୍ୟୁରୋ): ଚୀନର ସାଙ୍ଘାଇରେ ଥିବା ଜିଆଓ ଟଙ୍ଗ ବିଶ୍ୱବିଦ୍ୟାଳୟ ସହ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର ଓ ଜିଆଓ ଟଙ୍ଗ ବିଶ୍ୱବିଦ୍ୟାଳୟର ମିଙ୍ଗ ଜୁ ଜିଆଙ୍କ ଉପସ୍ଥିତିରେ ଏହି ଏମଓୟୁ ହୋଇଛି। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଚୀନ ଗସ୍ତକାଳରେ ଦୁଇ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।

ଏହି ଏମ୍‌ଓୟୁ ଅନୁସାରେ ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ମେଟାଲର୍ଜିକାଲ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ଚୀନର ଏହି ବିଶ୍ୱବିଦ୍ୟାଳୟ ସହ ମିଳିତ ହୋଇ ସଲିଡିଫେକସନ୍ ଆଣ୍ଡ ପ୍ରୋସେସିଂ ଅଫ୍ ଲାଇଟ୍ ମେଟାଲସ ଆଣ୍ଡ କମ୍ପୋଜାଇଟସ୍, ମଡେଲିଂ ଆଣ୍ଡ ସିମୁଲେସନ ଅଫ୍ ମ୍ୟାଟେରିଆଲସ୍, ନାନୋ ମ୍ୟାଟେରିଆଲ ଓ ମାଇକ୍ରୋ ଇଲେକ୍ଟ୍ରୋ ମେକାନିକାଲ ସିଷ୍ଟମ୍ ଉପରେ ଗବେଷଣା କରିବେ। ଏମଓୟୁ ଯୋଗୁ ଦୁଇ ଶିକ୍ଷାନୁଷ୍ଠାନ ମଧ୍ୟରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ଛାତ୍ର ବିନିମୟ, ମିଳିତ କର୍ମଶାଳା, ଶିକ୍ଷାନବୀଶ ସମ୍ମେଳନ ହୋଇପାରିବ।